**ଆବାତୀ ବେଜବରୁଆ**

**ବନାମ**

**ଭାରତର ଭୂତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ଉପ-ମହାନିର୍ଦ୍ଦେଶକ ଏବଂ ଅନ୍ୟ ଜଣେ**

**ଫେବୃଆରୀ 14, 2003**

**[ଏସ.ବି. ସିହ୍ନା ଏବଂ ଡଃ. ଏଆର. ଲକ୍ଷ୍ମଣନ, ନ୍ୟାୟମୂର୍ତ୍ତିଦ୍ୱୟ]**

*ମୋଟର ଯାନ ଅଧିନିୟମ, 1988; ଧାରା 166, 168 ଏବଂ 171:*

*କ୍ଷତିପୂରଣ ପ୍ରଦାନ — କ୍ଷତିପୂରଣର ପରିମାଣ/ସୁଧର ହାର — ନ୍ୟାୟାଧିକରଣ/ଅଦାଲତମାନଙ୍କର ବିବେକାନୁମୋଦିତ କ୍ଷମତା — ନିର୍ଣ୍ଣୟ କରାଗଲା: ମାମଲାର ତଥ୍ୟ ଏବଂ ପରିସ୍ଥିତି ଅନୁଯାୟୀ କ୍ଷତିପୂରଣ ନ୍ୟାୟସଙ୍ଗତ ଏବଂ ନ୍ୟାୟୋଚିତ ହେବା ଉଚିତ — କ୍ଷତିପୂରଣ ଗଣନା କରିବାରେ ଆଇନର ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଦେଶାବଳୀ/ସୂତ୍ର ଅନୁସରଣ କରାଯିବା ଉଚିତ — ଯଦିଓ ସୁଧ ପ୍ରଦାନ କରିବାରେ କୌଣସି ନିୟମ ନାହିଁ, ଏହା ସମ୍ପୂର୍ଣ୍ଣ ରୂପେ ନ୍ୟାୟାଧିକରଣ/ଉଚ୍ଚ ନ୍ୟାୟାଳୟମାନଙ୍କର ବିବେକାନୁମୋଦିତ କ୍ଷମତା ଉପରେ ନିର୍ଭର କରେ — ତଥାପି, ସୁଧ ପ୍ରଦାନ କରିବାରେ ସାଧାରଣତଃ ସମ୍ପୃକ୍ତ ସମୟରେ ପ୍ରଚଳିତ ବ୍ୟାଙ୍କ ହାରକୁ ବିଚାରକୁ ନିଆଯିବ ।*

**ଦାବିଦାର-ଅପିଲକାରୀଙ୍କ ସ୍ୱାମୀ ଏକ ସ୍କୁଟର ଚଳାଉଥିଲେ ଯାହା ଏକ ଜିପ୍ ସହିତ ଧକ୍କା ହୋଇଥିଲା, ଏବଂ ତାଙ୍କର ମୃତ୍ୟୁ ଘଟିଥିଲା । ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ ଦାବିଦାରଙ୍କୁ 2,50,200/- ଟଙ୍କାର ଏକ ନିର୍ଦ୍ଦିଷ୍ଟ କ୍ଷତିପୂରଣ ରାଶି ଅଧିନିର୍ଣ୍ଣିତ କଲେ ଏବଂ ବାର୍ଷିକ 6% ହାରରେ ସୁଧ ସହିତ ତାହାର ପ୍ରଦାନ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଲେ । ଅପିଲରେ, ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣ ରାଶି ଏବଂ ସୁଧର ହାରକୁ ବୃଦ୍ଧି କଲେ । ପରିବର୍ତ୍ତିତ ଅଧିନିର୍ଣ୍ଣୟରେ ଅସନ୍ତୁଷ୍ଟ ହୋଇ ଦାବିଦାର ବର୍ତ୍ତମାନର ଅପିଲ ଦାୟର କରିଛନ୍ତି ।**

**ଅପିଲକାରୀଙ୍କ ପକ୍ଷରୁ ଯୁକ୍ତି କରାଯାଇଥିଲା ଯେ ସମ୍ପୃକ୍ତ ସମୟରେ ପ୍ରଚଳିତ ସୁଧ ହାର ତୁଳନାରେ କମ୍ ସୁଧ ହାର ପ୍ରଦାନ କରି ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଛନ୍ତି; ଏବଂ ସମ୍ପୃକ୍ତ ସମୟରେ ପୀଡ଼ିତଙ୍କ ବୟସକୁ ବିଚାରକୁ ନେଇ, 15 ପରିବର୍ତ୍ତେ 16 ଗୁଣକ ପ୍ରୟୋଗ କରି କ୍ଷତିପୂରଣ ପରିମାଣ ବୃଦ୍ଧି କରାଯିବା ଉଚିତ ।**

ଉତ୍ତରଦାତାଙ୍କ ପକ୍ଷରୁ କୁହାଯାଇଥିଲା ଯେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୂର୍ବ ନିଷ୍ପତ୍ତିଗୁଡ଼ିକ ପରିପ୍ରେକ୍ଷୀରେ, କ୍ଷତିପୂରଣ ଗଣନା କରିବାରେ 10 ର ଗୁଣକ ଉପଯୁକ୍ତ ହେବ ଏବଂ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ ବାର୍ଷିକ 9% ହାରରେ ସୁଧ ଯୁକ୍ତିଯୁକ୍ତ/ନ୍ୟାୟୋଚିତ ହେବ ।

ଅପିଲକୁ ଆଂଶିକ ଭାବେ ଗ୍ରହଣ କରି, ନ୍ୟାୟାଳୟ ନିର୍ଣ୍ଣୟ କଲେ:

(ନ୍ୟାୟମୂର୍ତ୍ତି ସିହ୍ନାଙ୍କ ଦ୍ୱାରା):

**1.** ବର୍ତ୍ତମାନର ମାମଲାରେ, ସମ୍ପୃକ୍ତ ସମୟରେ ପୀଡ଼ିତଙ୍କ ବୟସ 40 ବର୍ଷ ଥିଲା । ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ 15 ର ଗୁଣକ ପ୍ରୟୋଗ କରିବାରେ କୌଣସି ତ୍ରୁଟି କରିଛନ୍ତି ବୋଲି କୁହାଯାଇପାରିବ ନାହିଁ । ମୃତକଙ୍କ ଭବିଷ୍ୟତ ଜୀବନର ଗତିର ସମ୍ଭାବନା ଏବଂ ଉନ୍ନତିକୁ ଦୃଷ୍ଟିରେ ରଖି, ବାର୍ଷିକ ଆୟ 45,000 ଟଙ୍କାର ଏକ ଉଚ୍ଚତର ଆକଳନ ଅନୁପଯୁକ୍ତ ହେବ ନାହିଁ । ସେହି ରାଶିରୁ, ବ୍ୟକ୍ତିଗତ ଜୀବନଯାପନ ଖର୍ଚ୍ଚ ବାବଦକୁ ମୋଟ ଆୟର ଏକ-ତୃତୀୟାଂଶ କଟାଯିବା ଉଚିତ । ଏହିପରି ଭାବେ ଗଣନା କରାଯାଇଥିବା ରାଶି, ଅର୍ଥାତ୍ 30,000 ଟଙ୍କା, ନିର୍ଭରଶୀଳତାର ହାନି ଭାବରେ ନିର୍ଦ୍ଧାରିତ ହେବା ଉଚିତ । ସେହି ରାଶିକୁ 15 ର ଗୁଣକ ପ୍ରୟୋଗ କରି ପୁଞ୍ଜିଭୂତ କରାଯିବା ଉଚିତ, ଯାହା 4,50,000 ଟଙ୍କା ହେଉଛି ।

**2.1.** କ୍ଷତିପୂରଣ/ଅଧିନିର୍ଣ୍ଣିତ ରାଶି ଉପରେ ସୁଧର ହାର ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରିବ । ସୁଧ ପ୍ରଦାନ ସାଧାରଣତଃ ସମ୍ପୃକ୍ତ ସମୟରେ ପ୍ରଚଳିତ ବ୍ୟାଙ୍କ ହାର ଉପରେ ନିର୍ଭର କରିବ । ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁଧର ରାଶି ବାର୍ଷିକ 9% ହାରରେ ପ୍ରଦାନ କରାଯିବା ଉଚିତ ।

*କୌଶନୁମା ବେଗମ୍ (ଶ୍ରୀମତୀ) ଏବଂ ଅନ୍ୟମାନେ ବନାମ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମିଟେଡ୍ ଏବଂ ଅନ୍ୟମାନେ,* **[2001] 2 SCC 9** ଏବଂ *ୟୁନାଇଟେଡ୍ ଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମିଟେଡ୍ ବନାମ ପାଟ୍ରିସିଆ ଜିନ୍ ମହାଜନ ଏବଂ ଅନ୍ୟମାନେ,* **[2002] 6 SCC 281,** ମାମଲାଦ୍ୱୟ ଉପରେ ନିର୍ଭର କରାଗଲା ।

*ଆର.ଏଲ. ଗୁପ୍ତା ଏବଂ ଅନ୍ୟମାନେ ବନାମ ଜୁପିଟର ଜେନେରାଲ ଇନସୁରାନ୍ସ କମ୍ପାନୀ ଏବଂ ଅନ୍ୟମାନେ,* **[1990] 1 SCC 356,** ମାମଲାର ସନ୍ଦର୍ଭ ଦିଆଗଲା ।

**2.2. ଏହା ଏକ ସୁପ୍ରତିଷ୍ଠିତ ଆଇନଗତ ନୀତି ଯେ ଦ୍ୱିତୀୟ ଅନୁସୂଚୀ ଅଧୀନରେ ପ୍ରଦତ୍ତ ଗଠିତ ସୂତ୍ର ଆଧାରରେ କ୍ଷତିପୂରଣ ପ୍ରଦାନରୁ ସାଧାରଣତଃ ବିଚ୍ୟୁତ ହେବା ଉଚିତ ନୁହେଁ । ଏତଦବ୍ୟତୀତ, ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ କ୍ଷତିପୂରଣ ରାଶି ନ୍ୟାୟସଙ୍ଗତ ଏବଂ ନ୍ୟାୟୋଚିତ ହେବା ଉଚିତ ।**

**ନ୍ୟାୟମୂର୍ତ୍ତି ଡଃ. ଲକ୍ଷ୍ମଣନଙ୍କ ଦ୍ୱାରା** (ଆଉ କିଛି ଯୋଡ଼ା ଯାଇ):

**1.1. ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରି ଏବଂ ମୁଦ୍ରାସ୍ଫୀତି, ଅର୍ଥନୀତିର ପରିବର୍ତ୍ତନ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସମୟ ସମୟରେ ଗ୍ରହଣ କରାଯାଉଥିବା ନୀତି, ମାମଲାଟି କେତେ ଦିନ ଧରି ବିଚାରାଧୀନ ଅଛି, ପୀଡ଼ିତ ସହିଥିବା ସ୍ଥାୟୀ ଆଘାତ, ଯନ୍ତ୍ରଣାର ଗୁରୁତରତା, ଭବିଷ୍ୟତ ଆୟର ହାନି, ଜୀବନ ଉପଭୋଗର ହାନି, ଇତ୍ୟାଦି ସମସ୍ତ ପ୍ରାସଙ୍ଗିକ କାରକଗୁଡ଼ିକୁ ବିଚାରକୁ ନେଇ ସୁଧର ହାର ନ୍ୟାୟସଙ୍ଗତ ଏବଂ ଯୁକ୍ତିଯୁକ୍ତ ହେବା ଆବଶ୍ୟକ ।**

**1.2. ମୋଟର ଯାନ ଅଧିନିୟମର ଧାରା 171 ଅଧୀନରେ କୌଣସି ସୁଧ ହାର ନିର୍ଦ୍ଧାରିତ ହୋଇନାହିଁ । ନ୍ୟାୟାଧିକରଣ, ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଭିନ୍ନ ଭିନ୍ନ ସୁଧ ହାର ପ୍ରଦାନ କରାଯାଉଛି । ଦାବିଦାର ନିର୍ଦ୍ଦିଷ୍ଟ ଭାବରେ ସେଥିପାଇଁ ଆବେଦନ ନକରିଥିଲେ ମଧ୍ୟ ସୁଧ ପ୍ରଦାନ କରାଯାଇପାରେ ଯେହେତୁ ଏହା ଆଇନ ଦୃଷ୍ଟିରେ ଆନୁଷଙ୍ଗିକ ଅଟେ । ସୁଧ ହେଉଛି ଅର୍ଥର ଅଟକ ରଖାଯିବା ପାଇଁ ଧାରଣ କିମ୍ବା ଜମା ରଖିବା ପାଇଁ କ୍ଷତିପୂରଣ, ଏବଂ କୌଣସି ପକ୍ଷକୁ ଯେଉଁ ଅର୍ଥ ପ୍ରଦାନ କରାଯିବା ଉଚିତ ଥିଲା ସେଥିରୁ ତାଙ୍କୁ ବଞ୍ଚିତ ରଖାଯାଇଥିବା ହେତୁ ହିଁ ତାଙ୍କୁ ସୁଧ ପ୍ରଦାନ କରାଯାଉଛି । ଏପରି ମାମଲାରେ ନ୍ୟାୟାଧିକରଣଙ୍କୁ ବିବେକାନୁମୋଦିତ କ୍ଷମତା ଦେଉଥିବା ଧାରା 171 ଅଧୀନରେ ବ୍ୟବସ୍ଥାର ସ୍ୱରୂପକୁ ଦୃଷ୍ଟିରେ ରଖି ମୋଟର ଦୁର୍ଘଟଣା ଦାବି ମାମଲାଗୁଡ଼ିକରେ ସାଧାରଣ ପ୍ରୟୋଗ ପାଇଁ କୌଣସି ନୀତି ନିରୂପଣ କରାଯାଇପାରିବ ନାହିଁ କିମ୍ବା କୌଣସି ସୁଧ ହାର ନିର୍ଦ୍ଧାରିତ କରାଯାଇପାରିବ ନାହିଁ । ସୁଧ ପ୍ରଦାନ କରିବାରେ କୌଣସି ନିର୍ଦ୍ଦିଷ୍ଟ ନିୟମ ରହିପାରିବ ନାହିଁ, ଏବଂ ସୁଧର ପ୍ରଦାନ ସମ୍ପୂର୍ଣ୍ଣ ରୂପେ ଉପରୋକ୍ତ ମତେ ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ବିବେକାନୁମୋଦିତ କ୍ଷମତା ଉପରେ ନିର୍ଭର କରେ ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 5193/1997 ।

ଏମ.ଏ. (ଏଫ) ସଂଖ୍ୟା 204/1994 ରେ ଆସାମସ୍ଥିତ ଗୌହାଟୀ ଉଚ୍ଚ ନ୍ୟାୟାଳୟଙ୍କ 10.4.1996 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପକ୍ଷରୁ ଏ.ପି. ମହାନ୍ତି ।

ଉତ୍ତରଦାତାଙ୍କ ପକ୍ଷରୁ ଅଶୋକ ଭାନ, ଡଃ. ସୀତା ରାମ ଶର୍ମା, ସତବୀର ପିଲାନିଆ, ଡି.ଏସ. ମାହରା ଏବଂ ଅରବିନ୍ଦ କୁମାର ଶର୍ମା (ଅନୁପସ୍ଥିତ) ।

ନ୍ୟାୟାଳୟଙ୍କ ରାୟ **ନ୍ୟାୟମୂର୍ତ୍ତି ଏସ.ବି. ସିହ୍ନାଙ୍କ** ଦ୍ୱାରା ପ୍ରଦାନ କରାଯାଇଥିଲା ।

ଏମ.ଏ.ସି. ମାମଲା ସଂଖ୍ୟା 20/1991 ରେ ଶିଲଂସ୍ଥିତ ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣ (ଏହାପରେ "ନ୍ୟାୟାଧିକରଣ" ଭାବରେ ସୂଚିତ) ଙ୍କ ଦ୍ୱାରା ପାରିତ ଏକ ଅଧିନିର୍ଣ୍ଣୟକୁ ସାମାନ୍ୟ ପରିବର୍ତ୍ତନ କରି ଏମ.ଏ. (ଏଫ) ସଂଖ୍ୟା 208/1994 ରେ ଗୌହାଟୀ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ 10.04.1996 ତାରିଖର ରାୟ ଏବଂ ଅଧିନିର୍ଣ୍ଣୟ ଦ୍ୱାରା ବ୍ୟଥିତ ଏବଂ ଅସନ୍ତୁଷ୍ଟ ହୋଇ ଦାବିଦାର ଆମ ସମ୍ମୁଖରେ ଅପିଲ କରିଛନ୍ତି ।

ଏହି ମାମଲାର ମୂଳ ତଥ୍ୟ ବିବାଦୀୟ ନୁହେଁ । ଏଠାରେ ଅପିଲକାରୀଙ୍କ ସ୍ୱାମୀ, ସ୍ୱର୍ଗତ (ଡଃ.) ରମଣୀ କାନ୍ତ ବେଜବରୁଆ, 13 ନଭେମ୍ବର 1990 ରେ ଏକ ମାରାତ୍ମକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଯେତେବେଳେ ସେ ଏକ ସ୍କୁଟରରେ ଯାଉଥିଲେ ଏବଂ MLK-5548 ପଞ୍ଜୀକରଣ ସଂଖ୍ୟା ବିଶିଷ୍ଟ ଏକ ଜିପ୍ ତାହାକୁ ଧକ୍କା ଦେଇଥିଲା । ଦାବିଦାର ମୋଟର ଦୁର୍ଘଟଣା ଦାବି ନ୍ୟାୟାଧିକରଣଙ୍କ ସମ୍ମୁଖରେ 27,46,000 ଟଙ୍କା ଅର୍ଥରାଶିର କ୍ଷତିପୂରଣ ଦାବି କରିଥିଲେ । ତେବେ ନ୍ୟାୟାଧିକରଣ ମୃତକଙ୍କ ଦରମାକୁ ଦୃଷ୍ଟିରେ ରଖି, ଯାହା ସମ୍ପୃକ୍ତ ସମୟରେ ମାସିକ 3,500 ଟଙ୍କା ଥିଲା, ମାସିକ ନିର୍ଭରଶୀଳତା 1,700 ଟଙ୍କା ଗଣନା କରିଥିଲେ । ନ୍ୟାୟାଧିକରଣ ମୃତକଙ୍କ ଜୀବନ ପ୍ରତ୍ୟାଶା 65 ବର୍ଷ ଗଣନା କରିଥିଲେ, ଏବଂ ଦୁର୍ଘଟଣା ସମୟରେ ମୃତକଙ୍କ ବୟସ 40 ବର୍ଷ ହୋଇଥିବାରୁ, ଗୁଣକ ଭାବରେ 15 ପ୍ରୟୋଗ କରିଥିଲେ । ତେବେ ସେହି ରାଶିରୁ, ଜୀବନର ଅନିଶ୍ଚିତତା ବାବଦକୁ 20% ଏବଂ ଏକକାଳୀନ ରାଶି ପ୍ରାପ୍ତ କରିବା ପାଇଁ 10% କାଟିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଏବଂ ଏହିପରି ଭାବରେ ସେହି ଆଧାରରେ କ୍ଷତିପୂରଣ ରାଶି ଯାହା ଅନ୍ୟଥା 3,06,000 ଟଙ୍କା ହୋଇଥାନ୍ତା, ତାହାକୁ ହ୍ରାସ କରି 2,14,200 ଟଙ୍କା କରାଯାଇଥିଲା । ତେବେ ମୃତକଙ୍କ ଚିକିତ୍ସା ପାଇଁ ପରିବାର ଦ୍ୱାରା ହୋଇଥିବା ଖର୍ଚ୍ଚ, ଏବଂ ଯାତାୟାତ ଖର୍ଚ୍ଚ ଇତ୍ୟାଦି ବାବଦକୁ 3,000 ଟଙ୍କା ରାଶି ଅଧିନିର୍ଣ୍ଣିତ କରାଯାଇଥିଲା । ଦାମ୍ପତ୍ୟ ସୁଖର ହାନି ବାବଦକୁ 3,000 ଟଙ୍କା, ଶବଦାହ ଖର୍ଚ୍ଚ ବାବଦକୁ 6,000 ଟଙ୍କା, ଏବଂ ସ୍ନେହ ଏବଂ ଶ୍ରଦ୍ଧାର ହାନି ବାବଦକୁ 3,000 ଟଙ୍କାର ଅତିରିକ୍ତ ରାଶି ଅଧିନିର୍ଣ୍ଣିତ କରାଯାଇଥିଲା । ସେହି ଆଧାରରେ ମୋଟ 2,50,200 ଟଙ୍କାର

କ୍ଷତିପୂରଣ ଅଧିନିର୍ଣ୍ଣିତ କରାଯାଇଥିଲା । ଆହୁରି ନିର୍ଦ୍ଦେଶ ଦିଆଯାଇଥିଲା ଯେ ଅଧିନିର୍ଣ୍ଣିତ ରାଶି ଦାବିଦାରମାନଙ୍କୁ ବାର୍ଷିକ 6% ହାରରେ ସୁଧ ସହିତ ପ୍ରଦାନ କରାଯାଉ । ତେବେ ଅପିଲରେ ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କଲେ ଯେ ମୃତକଙ୍କ ଆୟକୁ ଦୃଷ୍ଟିରେ ରଖି, ଯାହା ମାସିକ 3,500 ଟଙ୍କା ଥିଲା, ନିର୍ଭରଶୀଳତାର ହାନି ମାସିକ 2,000 ଟଙ୍କା ପରିମାଣକୁ ବୃଦ୍ଧି କରାଯିବା ଉଚିତ । ସୁଧ ହାର ସମ୍ବନ୍ଧରେ, ତାହାକୁ ମଧ୍ୟ ଦାବି ଦାଖଲ ତାରିଖରୁ ଅଧିନିର୍ଣ୍ଣିତ ରାଶି ପ୍ରାପ୍ତି ତାରିଖ ପର୍ଯ୍ୟନ୍ତ ବାର୍ଷିକ ୮% କୁ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ଅପିଲକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଏ.ପି. ମହାନ୍ତି ଏହି ଅପିଲ ସମର୍ଥନରେ ଦୁଇଟି ଯୁକ୍ତି ଉଠାଇଥିଲେ । ବିଜ୍ଞ ଅଧିବକ୍ତା ପ୍ରଥମତଃ କହିଛନ୍ତି ଯେ ସମ୍ପୃକ୍ତ ସମୟରେ ପ୍ରଚଳିତ ସୁଧ ହାର 10% ଥିବାରୁ, ବାର୍ଷିକ ୮% ହାରରେ ସୁଧ ପ୍ରଦାନ କରି ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଛନ୍ତି । ବିଜ୍ଞ ଅଧିବକ୍ତା ଉକ୍ତ ଯୁକ୍ତିର ସମର୍ଥନରେ *ଆର.ଏଲ. ଗୁପ୍ତା ଏବଂ ଅନ୍ୟମାନେ ବନାମ ଜୁପିଟର ଜେନେରାଲ ଇନସୁରାନ୍ସ କମ୍ପାନୀ ଏବଂ ଅନ୍ୟମାନେ*, [1990] 1 SCC 356, *କୌଶନୁମା ବେଗମ୍ (ଶ୍ରୀମତୀ) ଏବଂ ଅନ୍ୟମାନେ ବନାମ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମିଟେଡ୍ ଏବଂ ଅନ୍ୟମାନେ*, [2001] 2 SCC 9 ଏବଂ *ୟୁନାଇଟେଡ୍ ଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମିଟେଡ୍ ଏବଂ ଅନ୍ୟମାନେ ବନାମ ପାଟ୍ରିସିଆ ଜିନ୍ ମହାଜନ ଏବଂ ଅନ୍ୟମାନେ*, [2002] 6 SCC 281 ମାମଲାଗୁଡ଼ିକ ଉପରେ ନିର୍ଭର କରିଥିଲେ ।

ବିଜ୍ଞ ଅଧିବକ୍ତା ଏହପରେ ଯୁକ୍ତି କରିଛନ୍ତି ଯେ ଯେହେତୁ ଅପିଲକାରୀ ମାସିକ ପ୍ରାୟ 3,500 ଟଙ୍କା, ଅର୍ଥାତ୍ ବାର୍ଷିକ 42,000 ଟଙ୍କା ରୋଜଗାର କରୁଥିଲେ, ସେହି ରାଶିରୁ ଏକ-ତୃତୀୟାଂଶ କଟାଯିବା ପରେ, ବାର୍ଷିକ 2୮,000 ଟଙ୍କା ରାଶି ନିର୍ଭରଶୀଳତାର ହାନି ଭାବରେ ନିର୍ଣ୍ଣୟ କରାଯିବା ଉଚିତ ଥିଲା, ଏବଂ ସେହି ଦୃଷ୍ଟିକୋଣରୁ, ଦୁର୍ଘଟଣା ସମୟରେ ମୃତକଙ୍କ ବୟସ 40 ବର୍ଷ ହୋଇଥିବାରୁ, 16 ର ଗୁଣକ ପ୍ରୟୋଗ କରି କ୍ଷତିପୂରଣ ରାଶି ଗଣନା କରାଯିବା ଉଚିତ ଥିଲା ।

ଉତ୍ତରଦାତାଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଅଶୋକ ଭାନ, ଅନ୍ୟପକ୍ଷରେ, କହିଛନ୍ତି ଯେ ଏହି ପ୍ରକାର ମାମଲାରେ, *ୟୁନାଇଟେଡ୍ ଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମିଟେଡ୍* (ଉପୋରକ୍ତ) ମାମଲାରେ ଏହି ନ୍ୟାୟାଳୟଙ୍କ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି 9% ହାରରେ ସୁଧ ଅଧିନିର୍ଣ୍ଣିତ କରିବା ନ୍ୟାୟୋଚିତ ହେବ । ବିଜ୍ଞ ଅଧିବକ୍ତା ଆମ ଦୃଷ୍ଟି ଆକର୍ଷଣ କରି ଏହି ତଥ୍ୟ ଦର୍ଶାଇଛନ୍ତି ଯେ ସେହି ମାମଲାରେ 10 ର ଗୁଣକ ପ୍ରୟୋଗ କରାଯାଇଥିଲା ।

ଏହି ନ୍ୟାୟାଳୟଙ୍କ ମତରେ, ସୁଧର ହାର କ'ଣ ହେବା ଉଚିତ ତାହା ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରିବ । ସୁଧ ପ୍ରଦାନ ସାଧାରଣତଃ ସମ୍ପୃକ୍ତ ସମୟରେ ପ୍ରଚଳିତ ବ୍ୟାଙ୍କ ହାର ଉପରେ ନିର୍ଭର କରିବ ।

*ଆର.ଏଲ. ଗୁପ୍ତା* (ଉପୋରକ୍ତ) ମାମଲାରେ, 12% ହାରରେ ସୁଧ ଅଧିନିର୍ଣ୍ଣିତ କରାଯାଇଥିଲା। ତଥାପି, ତାହାର ସମର୍ଥନରେ କୌଣସି କାରଣ ଦର୍ଶାଯାଇ ନାହିଁ।

*କୌଶନୁମା ବେଗମ୍* (ଉପୋରକ୍ତ) ମାମଲାରେ, ଦାବି ତାରିଖରୁ ବାର୍ଷିକ 9 ପ୍ରତିଶତ ହାରରେ ସୁଧ ସହିତ କ୍ଷତିପୂରଣ ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । *ୟୁନାଇଟେଡ୍ ଇଣ୍ଡିଆ ଆସ୍ୟୁରାନ୍ସ କୋ. ଲିମିଟେଡ୍* (ଉପୋରକ୍ତ) ମାମଲାରେ, ଏଠାରେ ଲକ୍ଷ୍ୟ କରାଯାଇଥିବା ଭଳି, ସମାନ ସୁଧ ହାର ଅଧିନିର୍ଣ୍ଣିତ କରାଯାଇଥିଲା ।

ଆମର ମତ ହେଉଛି ଯେ ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି ସୁଧର ରାଶି ବାର୍ଷିକ 9% ହାରରେ ପ୍ରଦାନ କରାଯିବା ଉଚିତ ।

ମୋଟର ଯାନ ଅଧିନିୟମର ଦ୍ୱିତୀୟ ଅନୁସୂଚୀରେ ଗଠିତ ସୂତ୍ର ଆଧାର ନିର୍ଦ୍ଧାରିତ କରାଯାଇଛି।

ଏହା ବର୍ତ୍ତମାନ ଆଇନର ଏକ ସୁପ୍ରତିଷ୍ଠିତ ନୀତି ଯେ ଦ୍ୱିତୀୟ ଅନୁସୂଚୀ ଅଧୀନରେ ପ୍ରଦାନ କରାଯାଇଥିବା ଗଠିତ ସୂତ୍ର ଆଧାରରେ କ୍ଷତିପୂରଣ ପ୍ରଦାନରୁ ସାଧାରଣତଃ ବିଚ୍ୟୁତ ହେବା ଉଚିତ ନୁହେଁ । ମୋଟର ଯାନ ଅଧିନିୟମର ଧାରା 168, ତାହାର ଧାରା 166 ର ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ରାଶି ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶାବଳୀ ନିରୂପଣ କରେ । ତେବେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ନିର୍ଣ୍ଣୟ କରାଯାଇଥିବା ଭଳି, ବ୍ୟତିକ୍ରମାତ୍ମକ ମାମଲାଗୁଡ଼ିକରେ ଗଠିତ ସୂତ୍ରରୁ ବିଚ୍ୟୁତି ଗ୍ରହଣ କରାଯାଇପାରେ । ଏତଦବ୍ୟତୀତ, ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତିରେ କ୍ଷତିପୂରଣର ରାଶି ନ୍ୟାୟସଙ୍ଗତ ଏବଂ ନ୍ୟାୟୋଚିତ ହେବା ଉଚିତ ।

ସମ୍ପୃକ୍ତ ସମୟରେ ପୀଡ଼ିତଙ୍କ ବୟସ 40 ବର୍ଷ ଥିଲା । ତେଣୁ, ନ୍ୟାୟାଧିକରଣ ଏବଂ ଉଚ୍ଚ ନ୍ୟାୟାଳୟ 15 ର ଗୁଣକ ପ୍ରୟୋଗ କରିବାରେ କୌଣସି ତ୍ରୁଟି କରିଛନ୍ତି ବୋଲି କୁହାଯାଇପାରିବ ନାହିଁ । ବର୍ତ୍ତମାନ ବିଚାର କରାଯିବାକୁ ଥିବା ଏକମାତ୍ର ପ୍ରଶ୍ନ ହେଉଛି ଗୁଣ୍ୟ କିପରି ନିର୍ଦ୍ଧାରଣ କରାଯିବ ।

ଦୁର୍ଘଟଣା ସମୟରେ ମୃତକ ଜଣେ ଯୁବକ ଥିଲେ । ତାଙ୍କର ଏକ ସ୍ଥାୟୀ ଚାକିରି ଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟ ଏବଂ ନ୍ୟାୟାଧିକରଣଙ୍କ ଦ୍ୱାରା ତାଙ୍କ ଭବିଷ୍ୟତ ସମ୍ଭାବନାର ଏକ ଯୁକ୍ତିଯୁକ୍ତ ଉଦାର ଦୃଷ୍ଟିକୋଣ ବିଚାରକୁ ନିଆଯିବା ଉଚିତ ଥିଲା ।

ଭବିଷ୍ୟତ ଜୀବନର ଗତିର ସମ୍ଭାବନା ଏବଂ ଉନ୍ନତିକୁ ଦୃଷ୍ଟିରେ ରଖି, 45,000 ଟଙ୍କାରେ ବାର୍ଷିକ ଆୟର ଏକ ଉଚ୍ଚତର ଆକଳନ ଅନୁପଯୁକ୍ତ ହେବ ନାହିଁ । ସେହି ରାଶିରୁ, ବ୍ୟକ୍ତିଗତ ଜୀବନଯାପନ ଖର୍ଚ୍ଚ ବାବଦକୁ ମୋଟ ଆୟର ଏକ-ତୃତୀୟାଂଶ କଟାଯିବା ଉଚିତ । ଏହିପରି ଭାବେ 30,000 ଟଙ୍କା ନିର୍ଭରଶୀଳତାର ହାନି ଭାବରେ ନିର୍ଦ୍ଧାରିତ ହେବା ଉଚିତ । ସେହି ରାଶିକୁ 15 ର ଗୁଣକ ପ୍ରୟୋଗ କରି ପୁଞ୍ଜିଭୂତ କରାଯିବା ଉଚିତ, ଯାହା 4,50,000 ଟଙ୍କା ହେଉଛି ।

ଏହି ଅପିଲକୁ ପୂର୍ବରୁ ଉଲ୍ଲେଖ କରାଯାଇଥିବା ସୀମା ପର୍ଯ୍ୟନ୍ତ ଆଂଶିକ ଭାବେ ଗ୍ରହଣ କରାଗଲା ।

ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ମକଦ୍ଦମା ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ଦିଆଯାଉ ନାହିଁ ।

**ନ୍ୟାୟମୂର୍ତ୍ତି ଏ.ଆର. ଲକ୍ଷ୍ମଣନ ।**

ମୋର ଶ୍ରଦ୍ଧେୟ ଭ୍ରାତାଙ୍କ ଦ୍ୱାରା ନିରୂପିତ ଉପସଂହାର ସହିତ ସହମତ ହୋଇ, ମୁଁ ନିମ୍ନଲିଖିତ କେତେକ ଧାଡ଼ି ଯୋଡ଼ିବାକୁ ଚାହିଁବି ।

ଅପିଲକାରୀଙ୍କ ପକ୍ଷରୁ ହାଜର ହୋଇଥିବା ବିଜ୍ଞ ଅଧିବକ୍ତା ଶ୍ରୀ ଏ.ପି. ମହାନ୍ତି ତାଙ୍କ ଯୁକ୍ତିର ସମର୍ଥନରେ ଆମ ସମ୍ମୁଖରେ ତିନୋଟି ନିଷ୍ପତ୍ତି ଉପସ୍ଥାପନ କରିଥିଲେ । ସୁଧ ହାର ସମ୍ବନ୍ଧରେ କୌଣସି ନିଷ୍ପତ୍ତିରେ କୌଣସି ଆଇନଗତ ନୀତି ନିରୂପିତ ହୋଇନାହିଁ, ଏବଂ ନ୍ୟାୟିକ ବିବେକାନୁମୋଦିତ କ୍ଷମତାର ବିଷୟ ଭାବରେ କ୍ଷତିପୂରଣ ରାଶି ଉପରେ ସୁଧ ହାର ଅଧିନିର୍ଣ୍ଣିତ କରାଯାଇଥିଲା । ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରି ଏବଂ ମୁଦ୍ରାସ୍ଫୀତି, ଅର୍ଥନୀତିର ପରିବର୍ତ୍ତନ, ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସମୟ ସମୟରେ ଗ୍ରହଣ କରାଯାଉଥିବା ନୀତି, ମାମଲାଟି କେତେ ଦିନ ଧରି ବିଚାରାଧୀନ ଅଛି, ପୀଡ଼ିତ ସହିଥିବା ସ୍ଥାୟୀ ଆଘାତ, ଯନ୍ତ୍ରଣାର ଗୁରୁତରତା, ଭବିଷ୍ୟତ ଆୟର ହାନି, ଜୀବନ ଉପଭୋଗର ହାନି, ଇତ୍ୟାଦି ସମସ୍ତ ପ୍ରାସଙ୍ଗିକ କାରକଗୁଡ଼ିକୁ ବିଚାରକୁ ନେଇ ସୁଧର ହାର ନ୍ୟାୟସଙ୍ଗତ ଏବଂ ଯୁକ୍ତିଯୁକ୍ତ ହେବା ଆବଶ୍ୟକ । ମୋଟର ଯାନ ଅଧିନିୟମ, 1988 ର ଧାରା 171 ଅଧୀନରେ କୌଣସି ସୁଧ ହାର ନିର୍ଦ୍ଧାରିତ

ହୋଇନାହିଁ । ନ୍ୟାୟାଧିକରଣ, ଉଚ୍ଚ ନ୍ୟାୟାଳୟ ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଭିନ୍ନ ଭିନ୍ନ ସୁଧ ହାର ଅଧିନିର୍ଣ୍ଣିତ କରାଯାଉଛି । ଦାବିଦାର ନିର୍ଦ୍ଦିଷ୍ଟ ଭାବରେ ସେଥିପାଇଁ ଆବେଦନ ନକରିଥିଲେ ମଧ୍ୟ ସୁଧ ପ୍ରଦାନ କରାଯାଇପାରେ ଯେହେତୁ ଏହା ଆଇନର ଦୃଷ୍ଟିରେ ଆନୁଷଙ୍ଗିକ ଅଟେ । ସୁଧ ହେଉଛି ଅର୍ଥର ଅଟକ ରଖାଯିବା ପାଇଁ ଧାରଣ କିମ୍ବା ଜମା ରଖିବା ପାଇଁ କ୍ଷତିପୂରଣ, ଏବଂ କୌଣସି ପକ୍ଷକୁ ଯେଉଁ ଅର୍ଥ ପ୍ରଦାନ କରାଯିବା ଉଚିତ ଥିଲା ସେଥିରୁ ତାଙ୍କୁ ବଞ୍ଚିତ ରଖାଯାଇଥିବା ହେତୁ ହିଁ ତାଙ୍କୁ ସୁଧ ପ୍ରଦାନ କରାଯାଉଛି । ଏପରି ମାମଲାରେ ନ୍ୟାୟାଧିକରଣଙ୍କୁ ବିବେକାନୁମୋଦିତ କ୍ଷମତା ଦେଉଥିବା ଧାରା 171 ଅଧୀନରେ ବ୍ୟବସ୍ଥାର ସ୍ୱରୂପକୁ ଦୃଷ୍ଟିରେ ରଖି ମୋଟର ଦୁର୍ଘଟଣା ଦାବି ମାମଲାଗୁଡ଼ିକରେ ସାଧାରଣ ପ୍ରୟୋଗ ପାଇଁ କୌଣସି ନୀତି ନିରୂପଣ କରାଯାଇପାରିବ ନାହିଁ କିମ୍ବା କୌଣସି ସୁଧ ହାର ନିର୍ଦ୍ଧାରିତ କରାଯାଇପାରିବ ନାହିଁ । ଅନ୍ୟାନ୍ୟ ମାମଲାରେ, ସୁଧ ପ୍ରଦାନ ଆଇନଗତ ବ୍ୟବସ୍ଥା, ବାଣିଜ୍ୟିକ ବ୍ୟବହାର ଏବଂ ସାମ୍ୟ ନୀତି ଉପରେ ନିର୍ଭର କରେ । ମୋଟର ଯାନ ଅଧିନିୟମ ଅଧୀନରେ ଏକ ଦାବିରେ ସୁଧ ହାର ନିର୍ଦ୍ଧାରଣ କରିବା ମାମଲାରେ ଦେୱାନୀ କାର୍ଯ୍ୟବିଧି ସଂହିତାର ଧାରା 34 କିମ୍ବା କର୍ମଚାରୀ କ୍ଷତିପୂରଣ ଅଧିନିୟମର ଧାରା 4-A (3) ପ୍ରଯୁଜ୍ୟ ନୁହେଁ । ଅଦାଲତଗୁଡ଼ିକ ପ୍ରତ୍ୟେକ ମାମଲାର ତଥ୍ୟ ଏବଂ ପରିସ୍ଥିତି ଉପରେ ନିର୍ଭର କରି ଭିନ୍ନ ଭିନ୍ନ ହାରରେ ସୁଧ ଅଧିନିର୍ଣ୍ଣିତ କରିଛନ୍ତି । ତେଣୁ, ମୋ ମତରେ, ସୁଧ ଅଧିନିର୍ଣ୍ଣିତ କରିବାରେ କୌଣସି ନିର୍ଦ୍ଦିଷ୍ଟ ନିୟମ ରହିପାରିବ ନାହିଁ ଏବଂ ଉପରେ ଦର୍ଶାଯାଇଥିବା ଭଳି ଅଧିନିର୍ଣ୍ଣିତ ସୁଧ ସମ୍ପୂର୍ଣ୍ଣ ରୂପେ ନ୍ୟାୟାଧିକରଣ କିମ୍ବା ଉଚ୍ଚ ନ୍ୟାୟାଳୟଙ୍କ ବିବେକାନୁମୋଦିତ କ୍ଷମତା ଉପରେ ନିର୍ଭର କରେ ।

ଏସ.କେ.ଏସ. ଅପିଲଟି ଆଂଶିକ ଭାବେ ମଞ୍ଜୁର ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**